# ଗ୍ରୀଷ୍ମ ପ୍ରବାହ: ସତର୍କ ରହିବାକୁ ନିର୍ଦ୍ଦେଶ



ବୈଠକରେ ଜିଲାପାଳଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

ପାରଳାଖେମୁଣ୍ଡି, ୨।୩ (ଗିରିଧାରୀ ପରିଛା):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ପ୍ରସ୍ତୁତି ବୈଠକ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରୀଷ୍ମ ପ୍ରବାହରେ ସତର୍କ ରହିବା ଓ ଅଂଶୁଘାତ ପାଇଁ ଚଳିତ ମାର୍ଚ୍ଚ, ଏପ୍ରିଲ ଓ ମେ’ ମାସରେ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତ ହେବା ଆବଶ୍ୟକ ସେ ବିଷୟରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରଯାଇଥିଲା। ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ହିଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବାବେଳେ ଆଗକୁ ଏହା ଆହୁରି ତୀବ୍ର ରୂପ ନେବାର ଆଶଙ୍କା ରହିଛି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଭିନ୍ନ ସମୟରେ ଅଂଶୁଘାତରୁ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆରଏସ ପ୍ୟାକେଟ ଓ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସମସ୍ତ ଗ୍ରାମାଞ୍ଚଳ, ପାରଳାଖେମୁଣ୍ଡି ପୌରପରିଷଦ, କାଶୀନଗର ଏନଏସି, ସମସ୍ତ ବ୍ଲକ ପକ୍ଷରୁ ଜଳଛତ୍ର ମାନ ଖୋଲାଯିବା ସହ ଖରାପ ଥିବା ନଳକୂଅକୁ ତୁରନ୍ତ ମରାମତି କରିବାକୁ କୁହାଯାଇଛି । ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ଆଲୋଚନା ହୋଇଥିଲା। ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ଘଟିଲେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ସୋରଡ଼ା, ୨।୩ (ଲମ୍ବୋଦର ପାଣିଗ୍ରାହୀ): ସୋରଡ଼ା–ଆସିକା ୫୯ ନମ୍ବର ଜାତୀୟ ରାଜପଥ ପଙ୍କାଳ ନିକଟରେ ଶନିବାର ସକାଳେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋପାଳପୁର ଶାସନ ପଞ୍ଚାୟତ ସୋରିଷବିଲ୍ଲି ଗ୍ରାମର ସୁରେନ୍ଦ୍ର ପୋଲାଇଙ୍କ ପୁଅ ପପୁନ। ସେ ଗତ ତିନି ଦିନ ପୂର୍ବରୁ ସୁରଟରୁ ଘରକୁ ଆସିଥିଲେ। ଶୁକ୍ରବାର ରାତିରେ ବାଇକରେ ଯାଉଥିବା ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ସୂଚନା ଦେଇଛନ୍ତି।

### ପାତ୍ରପୁରରେ ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

ପାତ୍ରପୁର, ୨।୩(ଉମା ଚରଣ ନେପାକ)

ପାତ୍ରପୁର ତହସିଲର ନୂତନ ତହସିଲଦାର ଭାବେ ଶନିବାର ଅଶୋକ କୁମାର ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ତହସିଲଦାର ଭାବେ କାର୍ଯ୍ୟ କରିଆସୁଥିଲେ। ପାତ୍ରପୁର ତହସିଲରେ ନୂତନ ତହସିଲଦାର ପହଞ୍ଚିବା ପରେ ତାଙ୍କୁ କର୍ମଚାରୀ ମାନଙ୍କ ତରଫରୁ ସ୍ୱାଗତ କରାଯାଇଥିଲା।

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ହିଞ୍ଜିଳିକାଟୁ, ୨।୩ (ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ପାଟଣା ସାହି ୱାର୍ଡ ନଂ ୫ରୁ ଶନିବାର ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ହିଞ୍ଜିଳିକାଟୁ ପୌରପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ହୃଦୟାନନ୍ଦ ମହାପାତ୍ର, ଶିବରାମ ଗୌଡ଼, ତରୁଣ କୁମାର ପଣ୍ଡା, କାଉନସିଲର ଭୃପ୍ରସାଦ ପଣ୍ଡା, ଅଜିତ କୁମାର ସୁବୁଦ୍ଧି, ସୁନିଲ କୁମାର ସେଠି ପ୍ରମୁଖ ଶତାଧିକ ବିଜେଡି ନେତା ଓ କର୍ମୀମାନେ ୱାର୍ଡ ବୁଲିଥିଲେ। ଲୋକଙ୍କ ସହ ସମ୍ପର୍କ ରଖି ବିଜେଡିର ଦଳୀୟ ଶଙ୍ଖ ଚିହ୍ନ ପ୍ରତି ଘର ସାମନାରେ ଲଗାଯାଇଛି।

### ମନ୍ତ୍ରୀଙ୍କ ଦ୍ୱାରା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ପାତ୍ରପୁର, ୨।୩(ଉମା ଚରଣ ନେପାକ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟିକା ଉଷାଦେବୀ ପାତ୍ରପୁର ବ୍ଲକ ତଣ୍ଡିପୁର ପଞ୍ଚାୟତକୁ ଶୁକ୍ରବାର ଗସ୍ତ କରି ସୁରଙ୍ଗି ରାଜପୁର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରାଜପୁର ଗ୍ରାମ ମା’ ସତୀ ଦେବୀ ମନ୍ଦିର ନିକଟ ସଭାସ୍ଥଳରେ ପହଞ୍ଚି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଏହା ଜନସାଧାରଣଙ୍କ ଦୁଃଖ ଲାଘବ ସହ ଅଞ୍ଚଳର ବିକାଶ ଦିଗରେ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ। ପିଡବ୍ଲ୍ୟୁଡି ବିଭାଗ ଦ୍ୱାରା ପ୍ରାୟ ୧୩ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ରାସ୍ତା ସୁରଙ୍ଗି ପୂର୍ତ୍ତ ରାସ୍ତାଠାରୁ ଭାୟା ରାଜପୁର ଦେଇ ନୂଆପଡ଼ା ରାସ୍ତାଯାଏଁ ନିର୍ମାଣ ହେବ। ଏହି ଅବସରରେ ନିର୍ବାହୀ ଯନ୍ତ୍ରୀ ବୀରେନ୍ଦ୍ର କୁମାର ଖୁଣ୍ଟିଆ, ସହକାରୀ ଯନ୍ତ୍ରୀ ସ୍ୱରାଜ୍ୟ ପାଣିଗ୍ରାହୀ, ପୀତବାସ ସାମନ୍ତରା, ସୁନିଲ ନାୟକ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ମା’ବରାଳ ଦେବୀ ମନ୍ଦିର ପରିସୀମା ନିର୍ଦ୍ଧାରଣ

ଖଜରିପଡ଼ା, ୨।୩(ବିଦୁର ବେହେରା)– କନ୍ଧମାଳ ଜିଲାର ପ୍ରତ୍ୟକ୍ଷ ଦେବୀ ମା’ ବରାଳ ଦେବୀ ମନ୍ଦିରର ଉନ୍ନତି କରଣ ଏବଂ ସୌନ୍ଦର୍ଯ୍ୟ କରଣ ପାଇଁ ଓଡ଼ିଶା ସରକାର ୨ କୋଟି ୯୯ ଲକ୍ଷ ୩ ହଜାର ଟଙ୍କା ଅନୁମୋଦନ କରିବା ପରେ ମନ୍ଦିର ଉନ୍ନତି କରଣ କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ମନ୍ଦିର ପରିଚାଳନା କମିଟି ଏବଂ ବଲସକୁମ୍ପା ଗ୍ରାମବାସୀ ମଧ୍ୟରେ ପରିସୀମାକୁ ନେଇ ବିବାଦ ଉପୁଜିବାରୁ ଶୁକ୍ରବାର ତହସିଲଦାର ସୌମ୍ୟ ରଞ୍ଜନ ପାତ୍ର, ରାଜସ୍ୱ ନିରୀକ୍ଷକ ଅଧିକାରୀ ସବିତା ନାୟକ, ବିନୟ ସାହୁ, ଜୟନ୍ତ ସାହୁ ସମେତ ପୋଲିସ ବାହିନୀ ଉପସ୍ଥିତ ରହି ମା’ ବରାଳ ଦେବୀ ମନ୍ଦିର ପରିସୀମା ନିର୍ଦ୍ଧାରଣ କରିଥିଲେ। ଏହି ସମୟରେ ଉଭୟ ଗ୍ରାମବାସୀ ଏବଂ ମନ୍ଦିର ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସେବାୟତ ଦିଲ୍ଲୀପ କୁମାର୍ ଦଳବେହେରା, ଉଦ୍ଧବ ବିଷୋୟୀ, ନଟବର ନାୟକ ସମେତ ମନ୍ଦିର କର୍ମ କର୍ତ୍ତା ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ଭାବେ ମା’ ବରାଳ ଦେବୀ ମନ୍ଦିର ସୀମା ନିର୍ଦ୍ଧାରଣ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିବା ସହିତ ଜମି ବିବାଦ ତୁଟି ଥିବା ତହସିଲଦାର କହିଛନ୍ତି ।

## ଭଞ୍ଜନଗର ବାର୍ ଆସୋସିଏଶନର ପ୍ରତିଷ୍ଠା ଦିବସ



ବୈଠକରେ ଉପସ୍ଥିତ ଅତିଥିମାନେ।

ଭଞ୍ଜନଗର, ୨।୩(ବାବୁଲା ପ୍ରଧାନ):

ଭଞ୍ଜନଗର ବାର ଆସୋସିଏଶନର ୭୦ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ସଭାପତି ଅଭିମନ୍ୟୁ ଗୌଡ ଅଧ୍ୟକ୍ଷତା କରିଥିଲେ। ସଂପାଦକ ହରେକୃଷ୍ଣ ମହାପାତ୍ର ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ରଜତ ଦାସ, ସହ ସମ୍ପାଦକ ଚନ୍ଦ୍ରମଣି ମହାପାତ୍ର, କୋଷାଧ୍ୟକ୍ଷ ଗିରିଜା ଶଙ୍କର ଭୂୟାଁ, ବରିଷ୍ଠ ଆଇନଜୀବୀ ବିଜୟ ପାତ୍ର, ସନ୍ତୋଷ ତିଆଡି, ସନ୍ତୋଷ ନାୟକ, ରବି ଦାସ, ବିନୟ ରଥ, ବୈଦ୍ୟନାଥ ସାହୁ, ଦୁର୍ଗା ଷଡ଼ଙ୍ଗୀ ପ୍ରମୁଖ ଆଲୋଚନାରେ ଭାଗ ନେଇ ବାର ଆସୋସିଏଶନର ଇତିହାସ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ମନୋଜ ପଟ୍ଟନାୟକ, ପିତବାସ ବିଷୋୟୀ, ଛବି ଲାଲ ପୃଷ୍ଟି ପ୍ରମୁଖ ର ସହଯୋଗ କରିଥିଲେ।

## ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା

କବିସୂର୍ଯ୍ୟନଗର, ୨।୩ (କୃପାସିନ୍ଧୁ ସ୍ୱାଇଁ):



କବିସୂର୍ଯ୍ୟନଗର ବ୍ଲକ ଗୁଡ଼ିଆଳି ପଞ୍ଚାୟତରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ସାଗରିକା ଷଡଙ୍ଗୀ, ଏବିଡ଼ିଓ ତଥା ଏନଏସି ଇଓ ନାରାୟଣ ବେହେରା, ସିଡିପିଓ ବୀଣାପାଣି ମିଶ୍ର, ଯୁବନେତା ଅଶ୍ୱିନୀ ସ୍ୱାଇଁ ଯୋଗଦେଇଥିଲେ। ଶିକ୍ଷକ ଦିବାକର ଶତପଥୀ ଓ ଘୋଷିକା ଶିବାନୀ ସଂଯୋଜନା କରିଥିଲେ। ସାମାଜିକ କର୍ମୀ ପ୍ରଦୀପ ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଙ୍ଗନବାଡି ସୁପରଭାଇଜର ତ୍ରିପୁରା ମୋହିନୀ ମିଶ୍ର, ବିପିଏମ ରାଜକିଶୋର ସାହୁ, ଗୁଡ଼ିଆଳି ସରପଞ୍ଚ ଯାଜ୍ଞସେନୀ ଭୁୟାଁ, ବାଲ୍ୟାସରା ସମିତି ସଭ୍ୟା ମମତା ଖଣ୍ଡୁଆଳ, ସୁନାରିଝୋଳା ସମିତି ସଭ୍ୟ ସୂର୍ଯ୍ୟନାରାୟଣ ଭୂୟାଁ ଓ ସରପଞ୍ଚ ରାଧାକୃଷ୍ଣ ରେଡି, ଆମ୍ବପୁଆ ସରପଞ୍ଚ ଅମୀୟ କୁମାର ମାହୁନ୍ତ, ଗଙ୍ଗାପୁର ସମିତିସଭ୍ୟା ପ୍ରତିନିଧି ହରିହର ନାହାକ, ବ୍ଲକ ଛାତ୍ର ବିଜେଡି ସଭାପତି ନୀଳାଞ୍ଚଳ ମଣ୍ଡଳ, ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ଭୂୟାଁ, ସମିତି ସଭ୍ୟା ପ୍ରତିନିଧି ଗୌରାଙ୍ଗ ଭୂୟାଁ, ସିଆଳିଆ ସମିତିସଭ୍ୟ କମ୍ବୁପାଣି ନାହାକ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ । ସମସ୍ତ ବ୍ୟାଙ୍କ ମିତ୍ର, ଅଙ୍ଗନବାଡି, ଏମବିକେ, ଜିଆରଏସ, ଆଶା, ସିଆରପି, କାଉନସିଲର, ପିଇଓ, ଅବସର ଶିକ୍ଷକ, କର୍ତ୍ତବ୍ୟରତ ଶିକ୍ଷକ, ବିଏଫଟି, ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ଶିକ୍ଷା, କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶିକ୍ଷକ ଦେବହରି ବେହେରାଙ୍କ ସ୍ମୃତିଚାରଣ ସଭା

**ରମ୍ଭା, ୨।୩ (ବନବାସୀ ସେଠୀ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତ ଅଧିନସ୍ଥ ଗଜପତିନଗର ଗ୍ରାମରେ ପୁଣ୍ୟାତ୍ମା ଶିକ୍ଷକ ଦେବହରି ବେହେରାଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଚଉଦ ଦେଶ ଛପନ ଖଣ୍ଡ ଗ୍ରାମ କୁଳ ସଭାପତି ଡମ୍ବରୁଧର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ପୂର୍ବତନ ଗଞ୍ଜାମ ବିଇଓ ଭାଗିରଥି ବେହେରା, ସମ୍ମାନିତ ଅତିଥି ଭାବେ ଦାରିଙ୍ଗବାଡି ବିଡ଼ିଓ ଗଦାଧର ପାତ୍ର, ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଏବିଇଓ ବିଜୟ ଚନ୍ଦ୍ର ବେହେରା, ସମାଜସେବୀ ମହେଶ୍ୱର ବରାଡ, ଜୟସେନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ଡାକ୍ତର ରାଜେନ୍ଦ୍ର କୁମାର ବେହେରା, ପ୍ରଭାତ କୁମାର ମିଶ୍ର, ଜୟନ୍ତୀ ବେହେରା, ସିଆରସିସି ନରସିଂହ ବେହେରା, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା, କବୟିତ୍ରୀ ବାସନ୍ତୀଲତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିବା ବେଳେ ଶିକ୍ଷକ ଜୟାନନ୍ଦ ବେହେରା, ଘନଶ୍ୟାମ ବେହେରା, ଅର୍ଜୁନ ବେହେରା, ନନ୍ଦ କିଶୋର ବେହେରା, ଟିକିନା ବେହେରା, କୈଳାଶ ବେହେରା, ମାନସ ବେହେରା, ଗଣେଶ କର, ଦୁଷ୍ମନ୍ତ ବେହେରା ସହଯୋଗ କରିଥିଲେ।

## ମା’ ତାରାତାରିଣୀ ମନ୍ଦିରକୁ ଅନୁଦାନ ପାଇଁ ଦାବିପତ୍ର

ଶେରଗଡ଼, ୨।୩(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକ ତାକରଡା ପଞ୍ଚାୟତ ଶୋଭାଚନ୍ଦ୍ରପୁର ଗ୍ରାମ ନିକଟ ପାହାଡ଼ ଉପରେ ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀ ମନ୍ଦିର। ସେହି ମନ୍ଦିର ବହୁ ପ୍ରାଚୀନ ଅଟେ। ୫–ଟି ସଚିବଙ୍କ ଗସ୍ତ ପରେ ଉକ୍ତ ମନ୍ଦିର ଉନ୍ନତୀକରଣ ପାଇଁ ୪୫ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ତେବେ ମନ୍ଦିରରେ ଆହୁରି କିଛି କାମ ବାକି ରହିଥିବାରୁ ଆଉ ୫୦ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବାକୁ ମନ୍ଦିର କମିଟି ପକ୍ଷରୁ ଦାବି କରାଯାଇଛି। ଶନିବାର ପରିଚାଳନା କମିଟି ସଦସ୍ୟମାନେ ମାନେ ଭୁବନେଶ୍ୱର ଯାଇ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଆତ୍ମରକ୍ଷା ତାଲିମ ଶିବିର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଆସିକା, ୨।୩ (ସୁରେନ୍ଦ୍ରନାଥ ସାହୁ):** ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଙ୍କ ଲାଗି ଏକ ଆତ୍ମ ସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଘାଟିତ ହୋଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କଲେଜ ପରିଚାଳନା ସଭାପତି ପ୍ରସନ୍ନ କୁମାର ପ୍ରଧାନ, ମୁଖ୍ୟବକ୍ତା ରୂପେ ଆସିକା ଏନ୍‌ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ ଏବଂ ସମ୍ମାନିତ ଅତିଥି ରୂପେ ପ୍ରାଧାପିକା ଡ. ସିତାରାଣୀ ପଣ୍ଡା ଯୋଗଦେଇଥିଲେ। ଆତ୍ମସୁରକ୍ଷା ନାରୀ ସଶକ୍ତୀକରଣର ଏକ ଅଂଶ ବିଶେଷ ବୋଲି ମୁଖ୍ୟବକ୍ତା ମତବ୍ୟକ୍ତ କରିଥିଲା ବେଳେ ଆତ୍ମ ସୁରକ୍ଷା ତାଲିମପ୍ରାପ୍ତ ନାରୀମାନଙ୍କ ପାଇଁ ଏକ ରକ୍ଷାକବଚ ବୋଲି ସମ୍ମାନିତ ଅତିଥି ମତବ୍ୟକ୍ତ କରିଥିଲେ। ଏହି ଶିବିର ୩୦ ତାରିଖ ଯାଏଁ ଚାଲିବ। ମହାବିଦ୍ୟାଳୟର ୧୦୦ଜଣ ଛାତ୍ରୀ ଏହି ଶିବିରରେ ତାଲିମ ନେଉଥିଲା ବେଳେ ମାଷ୍ଟର ଟ୍ରେନର ଭାବେ ପୂର୍ବତନ ଛାତ୍ରୀ ଶିବାନୀ ମହାରଣା ଓ ଲିଜାରାଣୀ ପାତ୍ର ପ୍ରଶିକ୍ଷଣ ଦେଉଛନ୍ତି। ଆତ୍ମସୁରକ୍ଷା କ୍ଲବର ଅଧାପିକା ଶୈଳ କୁମାରୀ ଝା, ରେସମା ପାତ୍ର, ଡ. ଜିନିତ ସବା, କୁନିକା ଦାସ ଓ ରଶ୍ମିପ୍ରିୟା କାଲୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ‘ଭଞ୍ଜନଗର ଏନ୍‌ଏସିକୁ ମ୍ୟୁନିସିପାଲିଟି ନ କରିବା ଯୋଜନାବଦ୍ଧ’



ଗଣଧାରଣାରେ ଉପସ୍ଥିତ ବ୍ୟକ୍ତି।

**ଭଞ୍ଜନଗର, ୨।୩(ବାବୁଲା ପ୍ରଧାନ)**

ଭଞ୍ଜନଗର ଏନଏସିକୁ ଯୋଜନାବଦ୍ଧ ଭାବେ ମ୍ୟୁନିସିପାଲଟି କରାଇ ଦିଆଗଲା ନାହିଁ। ହାଇକୋର୍ଟ ନିର୍ଦ୍ଦେଶକୁ ରାଜ୍ୟ ସରକାର ଅଣଦେଖା କରିଛନ୍ତି। ଆଗାମୀ ଦିନରେ ଏନେଇ ଲଢେଇ ଜାରୀ ରହିବ। ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଶନିବାର ଭଞ୍ଜନଗରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ସମୟରେ ଘୁମୁସର ନାଗରିକ ମଞ୍ଚର କର୍ମକର୍ତ୍ତା ନଚିକେତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଭଞ୍ଜନଗର ଉପ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ନାଗରିକ ମଞ୍ଚ ପକ୍ଷରୁ ମ୍ୟୁନିସିପାଲଟି ଘୋଷଣା ଦାବି ନେଇ ୭ ଦିନ ହେବ ଆନ୍ଦୋଳନ ଚଳାଇଛି। ଧାରଣାରେ ରମେଶ ବେହେରା, ଖରାଂଶୁ ଶେଖର ଦାସ, ମଣି ଦିକ୍ଷୀତ, ମୁରଲୀ ପଣ୍ଡା, ରବି ଦାସ, ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଭଳି ଜଣାଶୁଣା ବ୍ୟକ୍ତି ସାମିଲ ହୋଇଥିଲେ। ଏହି ଅବସରରେ ଏକ କ୍ରିୟାନୁଷ୍ଠାନ କମିଟି ଗଠନ ହେଇଥିଲା। ଆଗାମୀ ଦିନରେ ଉକ୍ତ କମିଟି ପରବର୍ତ୍ତୀ ଆନ୍ଦୋଳନ କିଭଳି ଆଗକୁ ବଢିବ ସେ ଉପରେ ନିଷ୍ପତ୍ତି ନେବ।

## ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଶେରଗଡ଼ବାସୀ



ମୁଖ୍ୟମନ୍ତ୍ରୀ ଓ ୫–ଟି ଅଧ୍ୟକ୍ଷଙ୍କ ସହିତ ଶେରଗଡ଼ବାସୀ।

ଶେରଗଡ଼, ୨।୩ (ସୂର୍ଯ୍ୟନାରାୟଣ ଦାଶ):

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶେରଗଡ଼କୁ ଏନଏସି ମାନ୍ୟତା ଘୋଷଣା କରିବା ପରେ ଶୁଭେଚ୍ଛା ଜଣାଇଛନ୍ତି ଶେରଗଡ଼ବାସୀ। ବିଜେଡି ନେତା ହୃଷିକେଶ ପାଢୀ, ଦୁର୍ଗାପ୍ରସାଦ ବିଷୋୟୀ, ବାସୁଦେବ ରାଉତ, ଦିଲିପ କୁମାର ତ୍ରିପାଠୀ, ପ୍ରେମାନନ୍ଦ ପଣ୍ଡା, ବାସୁଦେବ ସ୍ୱାଇଁ, ଶ୍ରୀଦୀପ ମହାପାତ୍ର, ଗୌରହରି ବିଷୋୟୀ, ପାଣ୍ଡବ ବେହେରା, ସମିତି ସଭ୍ୟା ସବିତାରାଣୀ ଚୌଧୁରୀ, ବାବୁ ପ୍ରଧାନ, ସାନ୍ତନୁ ଚୌଧୁରୀ, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ହୀନ ବେହେରା, ଦିଗାମ୍ବର ନାୟକ ପ୍ରମୁଖ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ଓ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି।

## ଆମ ବ୍ୟାଙ୍କରେ ନିଯୁକ୍ତିକୁ ନେଇ ଅସନ୍ତୋଷ, ଜିଲାପାଳଙ୍କୁ ସ୍ମାରକପତ୍ର



ସରପଞ୍ଚଙ୍କ ପକ୍ଷରୁ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଦିଗପହଣ୍ଡି, ୨।୩(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂତନ ଭାବେ ଉଦଘାଟିତ ହୋଇଥିବା ଆମ ବ୍ୟାଙ୍କ ସେବାରେ ଜି. ହରି ରେଡ୍ଡୀ ନାମକ ଯୁବକଙ୍କୁ ନିଯୁକ୍ତି ଦିଆଯିବା ପରେ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶନିବାର ସ୍ଥାନୀୟ ସରପଞ୍ଚ ଏମ୍ . ଶ୍ୟାମଘନଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେହିପରି ବିଡିଓ ଡ. ଚିତ୍ତରଞ୍ଜନ ଦାସଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବାସୁଦେବପୁର ଗ୍ରାମ ଆମ ବ୍ୟାଙ୍କରେ ନିଯୁକ୍ତି ପାଇଥିବା ହରିଙ୍କ ନାମରେ ପୂର୍ବରୁ ଏସବିଆଇ ଗ୍ରାହକ ସେବା କେନ୍ଦ୍ର, ବ୍ୟାଙ୍କ ଅଫ୍ ଇଣ୍ଡିଆ ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର ଭଳି ବିଭିନ୍ନ ସଂସ୍ଥା ରହିଥିବା ବେଳେ ପୁଣି ତାଙ୍କୁ ଆମ ବ୍ୟାଙ୍କ ଶାଖାରେ କାହିଁକି ନିଯୁକ୍ତି ଦିଆଯାଇଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ତାଙ୍କୁ ଆମ ବ୍ୟାଙ୍କ ସେବା ଦାୟିତ୍ୱରୁ ହଟାଯାଇ ଅନ୍ୟ କାହାକୁ ଏହି ଦାୟିତ୍ୱ ପ୍ରଦାନ କରାଯାଉ ବୋଲି ଗ୍ରାମବାସୀ ଦର୍ଶାଇଛନ୍ତି।

## ଧାନ ପରେ ମୁଗ, ବିରି ଫସଲ ନଷ୍ଟ: ଚିନ୍ତାରେ ଚାଷୀ

ବେଲଗୁଣ୍ଠା, ୨।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)



କ୍ଷତିଗ୍ରସ୍ତ ଡ଼ାଲି ଜାତୀୟ ଫସଲ।

ଧାନ ଚାଷ ଉପରେ ନିର୍ଭର କରୁଥିବା ବେଲଗୁଣ୍ଠା ଅଞ୍ଚଳର ଚାଷୀମାନଙ୍କୁ ପୁଣି ଥରେ ପଡ଼ିଛି ଏକ ପ୍ରହାର ଯାହା ଫଳରେ ଭାଙ୍ଗିଯାଇଛି ବାସ୍ତବରେ ଚାଷୀର ମେରୁଦଣ୍ଡ। ଚାଷୀମାନେ ଧାନ ଚାଷରେ ବିଶେଷ ଲାଭ ନହେବା ଯୋଗୁ ମୁଗ କିମ୍ବା ବିରି ଭଳି ଡାଲି ଜାତୀୟ ଫସଲରେ ଯେଉଁ ଲାଭାଂଶ ଆସେ ତାହା ଦୁଃଖ କଷ୍ଟରେ ଚାଷୀ ପରିବାରକୁ ଗୁଜୁରାଣ ମେଣ୍ଟାଇଥାଏ। କିନ୍ତୁ ବର୍ତ୍ତମାନର ପରିବର୍ତ୍ତିତ ପାଣିପାଗ ଧାନ ଚାଷକୁ କ୍ଷତି କରିବା ସହିତ ଯେଉଁ ଆଶା ଟିକକ ଥିଲା ଡାଲି ଜାତୀୟ ଫସଲରେ ସାମାନ୍ୟତମ ଲାଭ ପାଇବା ପରିବାରକୁ ଗୁଜୁରାଣ ମେଣ୍ଟାଇବା ପାଇଁ ତାହା ମଧ୍ୟ ଧୂଳିସାତ ହୋଇଛି। ଚାଷୀ ପାଇଁ ବୋଝ ଉପରେ ଲଳିତା ବିଡ଼ା ସଦୃଶ୍ୟ। ବର୍ତ୍ତମାନ ସ୍ଥିତିରେ ବେଲଗୁଣ୍ଠା ନିକଟସ୍ଥ ବିଭିନ୍ନ ଅଞ୍ଚଳରେ ଚାଷୀ ମୁଗ ଏବଂ ବିରି ପରିବର୍ତ୍ତିତ ପାଣିପାଗ ପାଇଁ କିଛି ଫସଲ ହଳଦିଆ ହୋଇ ମରି ଗଲାଣି ତ ଆଉ କିଛି ପଚିସଢ଼ି ଗଲାଣି। ଫଳରେ ଡାଲି ଜାତୀୟ ଫସଲରେ କ୍ଷତି ସମ୍ଭାବନା ତିଆରି ହୋଇଛି। ଆଉ ଯଦି ଏହା ହୁଏ ତା’ହେଲେ ଚାଷୀ କୁଳ ଏଥିରେ ବହୁମାତ୍ରାରେ ପ୍ରଭାବିତ ହେବେ। ରାଷ୍ଟ୍ରୀୟ କିଷାନ ମଜଦୂର ମହାସଂଘର ପ୍ରବକ୍ତା ସ୍ୱସ୍ତିକ ସୁନ୍ଦର ଅତ୍ୟନ୍ତ କ୍ଷୋଭର ସହକାରେ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନକୁ ଏହା ଉପରେ ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଛନ୍ତି। ଏବଂ ଯଥାଶୀଘ୍ର ପଦେକ୍ଷପ ନେବାକୁ ଅଞ୍ଚଳରେ ଦାବି ଉଠିଛି। ନହେଲେ ଆଗାମୀ ଦିନରେ ଚାଷୀମାନେ ନିଜ ଅଧିକାର ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ରାଜ୍ୟ ସଭାପତି ସଚିନ ମହାପାତ୍ର କହିଛନ୍ତି।

# ଏମ୍‌କେସିଜି ମେଡିକାଲ ସମ୍ପ୍ରସାରଣ ପାଇଁ ୯୫୦ କୋଟି

## ପ୍ରକଳ୍ପ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର,୨।୩ (ସୁବାସ ଚନ୍ଦ୍ର ପାଢ଼ୀ): ରାଜ୍ୟରେ ସ୍ୱାସ୍ଥ୍ୟ ସେବା ସୁଦୃଢ଼ ପାଇଁ ମୁଖ୍ୟମନ୍ତ୍ରୀ ଅନେକ ପଦକ୍ଷେପ ନେଇଛନ୍ତି। ଏହିଧାରାରେ ବ୍ରହ୍ମପୁରରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ କଲେଜ ଓ ହସ୍ପିଟାଲର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଶନିବାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଏମକେସିଜି ମେଡିକାଲ ଖେଳ ପଡିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଭାସିରେ ଯୋଗଦେଇ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିଆନ ଆଭାସିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବରୁ ଏମକେସିଜିର ଛାତ୍ରୀଛାତ୍ର, କର୍ମଚାରୀଙ୍କଠାରୁ ମତାମତ ନିଆଯାଇଥିଲା । ସେହି ଅନୁସାରେ ସମସ୍ତ ଭିତ୍ତିଭୂମି ନିର୍ମାଣ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି ବୋଲି ୫-ଟି ଅଧ୍ୟକ୍ଷ କହିଥିଲେ । ଏମକେସିଜିରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ। ଏମକେସିଜିରେ ବର୍ଣ୍ଣକେୟାର ୟୁନିଟ ଖୋଲିବାକୁ ଯାଉଛି । ସେହିପରି ପୂର୍ବରୁ ଗ୍ୟାଷ୍ଟ୍ରୋଏଣ୍ଟେରୋଲଜି ସହ ଅନ୍ୟାନ୍ୟ ସୁପର ସ୍ପେଶିଆଲିଟି ବିଭାଗ ଖୋଲି ସାରିଛି ବୋଲି ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ମେୟର ସଂଘମିତ୍ରା ଦଳାଇ, ଯୋଜନା ବୋର୍ଡ ସଦସ୍ୟ ଡ଼ା. ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏମକେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ ପ୍ରଫେସର ଡ଼ା. ସନ୍ତୋଷ କୁମାର ମିଶ୍ର, ଅଧୀକ୍ଷକ ପ୍ରଫେସର ଡ଼ା. ସୁଚିତ୍ରା ଦାସ ମଞ୍ଚାସୀନ ଥିଲେ । ଏମ୍‌କେସିଜିର ରେଜିଷ୍ଟ୍ରର ସଂଗ୍ରାମ କେଶରୀ ପଣ୍ଡା, ଓବିସିସିର ସାଧାରଣ ପରିଚାଳକ ପ୍ରଭାତ କୁମାର ପାଣିଗ୍ରାହୀ, ବରିଷ୍ଠ ଡ଼ାକ୍ତର, ସମସ୍ତ ମ୍ୟାନେଜର ଉପସ୍ଥିତ ରହି ସହଯୋଗ କରିଥିଲେ। ଡାକ୍ତରୀ ଛାତ୍ରୀଛାତ୍ର, ନର୍ସିଂ ଛାତ୍ରୀଛାତ୍ର, ବ୍ରହ୍ମପୁରର ବିଭିନ୍ନ ଅଞ୍ଚଳର ମହିଳା ସଂଘ ଉପସ୍ଥିତ ଥିଲେ । ଏମକେସିଜିର ସମ୍ପ୍ରସାରଣ ପ୍ରକଳ୍ପ ଜରିଆରେ ୧୦ ମହଲା ବିଶିଷ୍ଟ ଏକ ବର୍ହିର୍ବିଭାଗ କୋଠା ନିର୍ମାଣ କରାଯିବ। ସେଠାରେ ବର୍ହିର୍ବିଭାଗ ସହ ଭେଷଜ ବିଭାଗର ୨୮୦ ଶଯ୍ୟା ବିଶିଷ୍ଟ ଅନ୍ତଃବିଭାଗ, ୧୦୦ ଶଯ୍ୟା ବିଶିଷ୍ଟ ଚକ୍ଷୁ ବିଭାଗ ଆନ୍ତଃବିଭାଗ, ବର୍ଣ୍ଣକେୟାର ୟୁନିଟ, ଆଇସିୟୁ, ୫୦ ଶଯ୍ୟାର ସିସିୟୁ, ଜରୁରୀକାଳୀନ ସେବା, ୫ଟି ଅସ୍ତ୍ରୋପଚାର ଗୃହ, ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ଆନ୍ୟନ୍ୟା କାର୍ଯ୍ୟାଳୟ ରହିବ। ସେହିପରି ୮ ମହଲାର ୩୦୦ ଶଯ୍ୟା ବିଶିଷ୍ଟ ୟୁଜି ପୁରୁଷ ହଷ୍ଟେଲ, ୮ ମହଲାର ୩୦୦ ଶଯ୍ୟା ବିଶିଷ୍ଟ ୟୁଜି ମହିଳା ହଷ୍ଟେଲ, ୧୫୦ ଶଯ୍ୟା ବିଶିଷ୍ଟ ୮ ମହଲାର ହାଉସ ସର୍ଜନ ପୁରୁଷ ହଷ୍ଟେଲ, ୮ ମହଲାର ୧୫୦ ଶଯ୍ୟା ବିଶିଷ୍ଟ ହାଉସ ସର୍ଜନ ମହିଳା ହଷ୍ଟେଲ ନିର୍ମାଣ ହେବ। ଏମ୍‌କେସିଜିରେ ୨ ମହଲା ବିଶିଷ୍ଟ ଇନଡୋର ଷ୍ଟାଡିୟମ ଓ ଖେଳପଡ଼ିଆର ଉନ୍ନତୀକରଣ କରାଯିବ। ଷ୍ଟାଡିୟମ ଓ ଖେଳପଡିଆରେ ବାସ୍କେଟବଲ, ଭଲିବଲ, ବ୍ୟାଡମିଣ୍ଟନ, ବ୍ୟାୟାମଶାଳା, ଯୋଗ ଗୃହ, ବହୁମୁଖୀ କୋଠା ରହିବ। ସେହିପରି ଏମକେସିଜିରେ ୬ ମହଲା ବିଶିଷ୍ଟ ଗେଷ୍ଟ ହାଉସ ନିର୍ମାଣ ହେବ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ, ସ୍ୱାମୀ ଗିରଫ

ବ୍ରହ୍ମପୁର,୨।୩ (ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ମହିଳାଙ୍କୁ ନିର୍ଯାତନା ସହ ହତ୍ୟା ଉଦ୍ୟମ ଅଭିଯୋଗରେ ମହିଳା ଥାନା ପୋଲିସ ଅଭିଯୋଗକାରୀଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଛତ୍ରପୁର ପୁତିଗୋପାଳପୁର ଅଞ୍ଚଳର କିଟୁ ରାଉଳ(୩୮) । ଶନିବାର ତାଙ୍କୁ ପୋଲିସ କୋର୍ଟ ଚାଲାଣ କରଛି । ୭ବର୍ଷ ତଳେ ରଶ୍ମିତା ରାଉଳଙ୍କୁ କିଟୁ ବିବାହ କରିଥିଲେ। ବର୍ତ୍ତମାନ ତାଙ୍କର ଦୁଇଟି ସନ୍ତାନ ରହିଛି । କିଛି ମାସ ହେଲା କିଟୁ ଓ ତାଙ୍କ ପରିବାର ଲୋକେ ରଶ୍ମିତାଙ୍କୁ ତାଙ୍କ ବାପ ଘରୁ ଅଧିକ ଯୌତୁକ ଆଣିବାକୁ ଦାବିକରି ଆସୁଥିବା ବେଳେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ମଧ୍ୟ ଦେଉଥିଲେ। ଗତ ୨୯ତାରିଖ ରାତିରେ କିଟୁ ଯୌତୁକ ଟଙ୍କା ଆଣିବାକୁ ଦାବି କରି ସ୍ତ୍ରୀ ରଶ୍ମିତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଖବର ପାଇ ତାଙ୍କ ବାପା ସେଠାରେ ପହଞ୍ଚି ଯାଇ ରଶ୍ମିତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପରେ ରଶ୍ମିତା ଗତ ୧ ତାରିଖରେ ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

### ଗଛ ଡାଳ ପଡ଼ି ମହିଳାଙ୍କ ମୃତ୍ୟୁ

ବ୍ରହ୍ମପୁର, ୨।୩(ସୁବାସ ଚନ୍ଦ୍ର ପାଢ଼ୀ): ଗଛଡ଼ାଳ ପଡି ଗୁରୁତର ମହିଳାଙ୍କ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ଏମକେସିଜିରେ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ପୁରୁଷୋତ୍ତମପୁର ଥାନା ଶିକୁଳା ଗ୍ରାମର ଯୋଗୀ ବେହେରାଙ୍କ ସ୍ତ୍ରୀ ସୁକମାରି ବେହେରା। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୧୨୧/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୁକମାରୀ ଶନିବାର ସକାଳେ ନିଜର ଖଳାକୁ ଯାଇଥିଲେ। ସେଠାରେ ଜମିରୁ ମୁଗ ଅଣାଯାଇ ରଖାଯାଉଥିଲା। ସେଠାରେ ସେ ଏକ ଗଛ ମୂଳେ ବସିଥିଲେ। ଗଛ ଉପରେ ବସିଥିବା ମାଙ୍କଡ ପଲ ହଠାତ ଡେଇଁବାକୁ ଲାଗିଥିଲେ। ଗଛରୁ ଏକ ଡାଳ ଖସି ସୁକୁମାରୀଙ୍କ ମୁଣ୍ଡରେ ପଡ଼ିବାରୁ ମୁଣ୍ଡ ଫାଟି ପ୍ରବଳ ରକ୍ତ ବାହାରିଥିଲା। ପରିବାର ଲୋକେ ଡାକ୍ତରଖାନା ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ମହାଶିବରାତ୍ରି ପାଇଁ ସଜେଇ ହେଉଛି ଶୈବପୀଠ

ବୁଗୁଡ଼ା,୨।୩ (କାଳିଚରଣ ଦାଶ): ମହାଶିବରାତ୍ରୀ ପାଇଁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶୈବପୀଠ ସଜେଇ ହେଉଥିବା ଦେଖିବାକୁ ମିଳିଛି। ଆସନ୍ତା ୮ ତାରିଖରେ ହେବାକୁ ଯାଉଥିବା ଜାଗର ଯାତ୍ରାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ମନ୍ଦିର ପରିଚାଳନା କମିଟିଗୁଡିକ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ସହ କାର୍ଯ୍ୟସୂଚୀମାନ ମଧ୍ୟ ପ୍ରକାଶ ପାଇଛି। ଚଳିତ ବର୍ଷ ଶୈବପୀଠ ଗୁଡିକରେ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଥିବାରୁ ଶ୍ରଦ୍ଧାଳୁ କିପରି ଶାନ୍ତି ଶୃଙ୍ଖଳାର ସହ ମହାଦେବଙ୍କ ଦର୍ଶନ କରିବେ ଏବଂ ଯଥା ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ସହ ଠିକ୍ ସମୟରେ ଯେପରି ମହାଦୀପ ଉଠିବ ସେନେଇ ଯୋଜନା ପ୍ରସ୍ତୁତ ହୋଇଛି। ଏଥିସହ ମନ୍ଦିରଗୁଡିକର ସୌନ୍ଦର୍ଯ୍ୟକରଣ ପାଇଁ ରଙ୍ଗମରା କାର୍ଯ୍ୟ ମଧ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଶ୍ରଦ୍ଧାଳୁମାନେ ଜାଗର ପର୍ବ ପାଳନ ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ଜଣାଯାଇଛି।

# ଲାଞ୍ଚ ନେବା ମାମଲାରେ ବର୍ଷେ ଜେଲ

ବ୍ରହ୍ମପୁର, ୨।୩ (ସୁବାସ ଚନ୍ଦ୍ର ପାଢ଼ୀ): ୧୦ ବର୍ଷ ପରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ଶନିବାର ଏକ ଲାଞ୍ଚ ନେବା ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଜଗନ୍ନାଥପ୍ରସାଦ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) କାର୍ଯ୍ୟାଳୟରେ କାର୍ଯ୍ୟରତ ତତ୍କାଳୀନ ଡାଟା ଏଣ୍ଟ୍ରି ଅପରେଟର ସମୀର କୁମାର ପଟ୍ଟନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ୧ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୨ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଉକ୍ତ ବ୍ଲକର ଗୌଡ଼ିଆପଲି ପ୍ରାଥମିକ ବିଦ୍ୟାଳୟରେ ୨୦୧୩-୧୪ ଆର୍ଥିକ ବର୍ଷରେ ମଧ୍ୟାହ୍ନଭୋଜନ ପାଇଁ ୫ହଜାର ଟଙ୍କାର ବାସନକୁସନ କିଣାଯାଇଥିଲା। ଉକ୍ତ ବିଲ ପାସ କରିବା ପାଇଁ ପ୍ରଧାନ ଶିକ୍ଷକ ଡିଲି ସେଠୀ ବିଇଓଙ୍କ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପେରେଟର ସମୀର ପଟ୍ଟନାୟକଙ୍କୁ କହିଥିଲେ। ସେ ଏଥିପାଇଁ ୫୦୦ଟଙ୍କା ଲାଞ୍ଚ ମାଗିଥିଲେ। ଆବେଦନକାରୀ ଜଣଙ୍କ ଏନେଇ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁରେନ୍ଦ୍ର ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରସାଦ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ ।

# ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବୁଗୁଡ଼ା,୨।୩(କାଳିଚରଣ ଦାଶ): ବୁଗୁଡ଼ା ଏନଏସି କ୍ଲଷ୍ଟର ପକ୍ଷରୁ ଗୋଲାମୁଣ୍ଡୁଳା ପ୍ରାଥମିକ ବିଦ୍ୟାଳୟ ପରିସରରେ 'ଆମ ସଂସ୍କୃତି ଆମ ଖେଳଣା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଇଓ ଚିନ୍ମୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ତାଳସାକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୀମାଞ୍ଚଳ ସେଠୀ ଯୋଗଦେଇଥିଲେ। ସିଆରସିସି କିରଣ ବାଳା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଏସି କ୍ଲଷ୍ଟର ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀ ସାଙ୍ଗକୁ ଶିଶୁଙ୍କ ଉପଯୋଗୀ ଖେଳନା, ପ୍ରକଳ୍ପ ଓ ଚିତ୍ରକଳା ଆଦି ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ସମସ୍ତ ବିଦ୍ୟାଳୟର ଅଂଶଗ୍ରହଣକାରୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ବେଳେ ପରିଶେଷରେ ସହକାରୀ ଶିକ୍ଷୟିତ୍ରୀ ମଧୁସ୍ମିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମୁକ୍ତା ଯୋଜନା ଦକ୍ଷତା ପ୍ରଶିକ୍ଷଣ ଶିବିର


ଶିବିରରେ ଉପସ୍ଥିତ କର୍ପୋରେଟର ଓ ଏସଏଚଜି ସଦସ୍ୟା।

ବ୍ରହ୍ମପୁର,୨।୩(ସ୍ମୃତି ରଞ୍ଜନ ମହାଲିକ): ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ସହରର ବହୁ ଉନ୍ନୟନ ମୂଳକ କାର୍ଯ୍ୟ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା (ମୁକ୍ତା) ମାଧ୍ୟମରେ କରାଯାଉଛି। ଏହି ଯୋଜନା ମାଧ୍ୟମରେ ଏସଏଚଜି ସଦସ୍ୟାଙ୍କୁ ବିଭିନ୍ନ କାର୍ଯ୍ୟର କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି। ତେବେ ଏସଏଚଜି ସଦସ୍ୟମାନେ ଯୋଜନା ମାଧ୍ୟମରେ କିଭଳି ବିଭିନ୍ନ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବେ ସେ ନେଇ ନିଗମ ପକ୍ଷରୁ ପ୍ରତ୍ୟେକ ୱାର୍ଡରେ ଦକ୍ଷତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ଏ ନେଇ ନିଗମର ୪୧ ନଂ ୱାର୍ଡରେ ମୁକ୍ତା ଯୋଜନା ବିଷୟରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ କର୍ପୋରେଟର ମଳୟ କୁମାର ବିଶୋୟୀ ଓ ମୁକ୍ତା ଯୋଜନାର ଅଧିକାରୀମାନେ ଉପସ୍ଥିତ ଥିଲେ। ଏସ୍‌ଏଚଜିମାନେ ସମସ୍ତ କାର୍ଯ୍ୟକୁ କିଭଳି ସୁରୁଖୁରୁରେ ସଂପାଦନ କରିବେ ସେ ନେଇ କୁହାଯାଇଥିଲା। ଚଳିତ ମାସ ଶେଷ ସୁଦ୍ଧା ଉକ୍ତ ଯୋଜନାର ସମସ୍ତ କାର୍ଯ୍ୟ ସରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷ ମୁକ୍ତା ଯୋଜନାରେ ୨୪ କୋଟି ଟଙ୍କା ବ୍ୟୟରେ ୨୮୩ଟି କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ଏଥିମଧ୍ୟରେ ପାର୍କ, ପେଭର ରାସ୍ତା, ମିନି ପାର୍କ, ଶିଶୁ ଉଦ୍ୟାନ ଓ ବ୍ୟାୟାମ ସାମଗ୍ରୀ ସ୍ଥାପନ କାର୍ଯ୍ୟ ରହିଛି।

# ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାନ୍ତି ଶୋଭାଯାତ୍ରା

ଗଞ୍ଜାମ,୨।୩(ବିଦ୍ୟାଧର ସାହୁ): ଗଞ୍ଜାମ ସହର ମଧ୍ୟଖଣ୍ଡ ସାହି ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗଞ୍ଜାମ ଶାଖା ପକ୍ଷରୁ ଏକ ଶାନ୍ତି ଶୋଭାଯାତ୍ରା ପରିକ୍ରମା ରଥର ଶୁଭାରମ୍ଭ ହୋଇଯାଇଛି। ରାଜଯୋଗିନୀ କସ୍ତୁରୀ ଭଗ୍ନୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଥାନା ଅଧିକାରୀ ସସ୍ମିତା ପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାମ୍ବାଦିକ ସଂଘର ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଯୋଗଦେଇ ଆଧ୍ୟାତ୍ମିକ ଭାବନା ହିଁ ସମାଜରେ ଶାନ୍ତିର ବାତାବରଣ ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି ବକ୍ତବ୍ୟ ରଖିଥିଲେ। ଯମୁନା ଭଗ୍ନୀ କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିବା ବେଳେ ପୂର୍ବତନ ସରପଞ୍ଚ ଡି.ନିରଞ୍ଜନ ରେଡି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଯୁଧିଷ୍ଠିର ମହାପାତ୍ର, ଛବି, ଦମୟନ୍ତୀ, ବନିତା, ପୁଷ୍ପଲତା, ଲକ୍ଷ୍ମୀ, ଆରତୀ, ମୋହନ ଉପସ୍ଥିତ ଥିଲେ।

# ରାଜନୀତି ବିଜ୍ଞାନରେ ୨୦, ବିଏମ୍‌ଏସ୍‌ରେ ଜଣେ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସ

ବ୍ରହ୍ମପୁର, ୨।୩ (ତନୁଶ୍ରୀ ନାହାକ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବାର୍ଷିକ ପରୀକ୍ଷାର ଅଷ୍ଟମ ଦିବସ କଳାରେ ରାଜନୀତି ବିଜ୍ଞାନ ଓ ବାଣିଜ୍ୟର ବିଜିନେସ ମାଥମେଟିକ୍ସ ଆଣ୍ଡ ଷ୍ଟାଟିଷ୍ଟିକ୍ସ (ବିଏମଏସ) ପରୀକ୍ଷା ଦକ୍ଷିଣାଞ୍ଚଳର ୮ ଜିଲାର ୨୦୫ ପରୀକ୍ଷା କେନ୍ଦ୍ରରେ ଶୃଙ୍ଖଳାର ସହ ଶେଷ ହୋଇଛି। ଏଥିରେ କଳା ସ୍ରୋତର ରାଜନୀତି ବିଜ୍ଞାନରେ ୨୦ ଓ ବାଣିଜ୍ୟ ସ୍ରୋତର ବିଏମଏସରେ ଜଣେ ପରୀକ୍ଷାର୍ଥୀ କପି କରି ବ୍ରହ୍ମପୁର ଜୋନାଲ ସ୍କ୍ୱାଡ ହାତରେ ଧରାପଡ଼ିଛନ୍ତି। କୋରାପୁଟ ଜିଲା ଜୟପୁରସ୍ଥିତ ବିକ୍ରମଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ବାଣିଜ୍ୟ ସ୍ରୋତର ବିଏମଏସରେ ଜଣେ ପରୀକ୍ଷାର୍ଥୀ, ମାଲକାନଗିରି ଜିଲା ଏମଭି-୭୯ ସ୍ଥିତ ଡ. ଶ୍ୟାମାପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ କଳା ସ୍ରୋତର ରାଜନୀତି ବିଜ୍ଞାନରେ ୬ ଜଣ, ପଡିଆ ସ୍ଥିତ ରିଜିଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଜଣେ, ନବରଙ୍ଗପୁର ଜିଲା ମଇଦଲପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩ ଜଣ, ରାୟଗଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଜଣେ, କନ୍ଧମାଳ ଜିଲା ଫିରିଙ୍ଗିଆ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୬ ଜଣ, ଲାଇନପଡ଼ା ସ୍ଥିତ କେଆଇଜିଏମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଜଣେ ଓ ଶଙ୍କରାଖୋଲ ସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨ ଜଣ ପରୀକ୍ଷାର୍ଥୀ ରାଜନୀତି ବିଜ୍ଞାନ ପରୀକ୍ଷାରେ କପି କରି ଧରାପଡିଥିବା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା କହିଛନ୍ତି।

# ଜୁଆ ଆଡ୍ଡାରେ ଚଢ଼ାଉ, ୭ ବାଇକ୍ ଜବତ

ବେଲଗୁଣ୍ଠା,୨।୩(କୃଷ୍ଣଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୭ଟି ବାଇକ ଜବତ କରିଥିବା ବେଳେ ଜୁଆଡ଼ିମାନେ ଚମ୍ପଟ ମାରିଛନ୍ତି । ବଣିଆପଲ୍ଲୀ ନିକଟ ଜଙ୍ଗଲରେ ଜୁଆ ଖେଳ ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏହିସମୟରେ ସମସ୍ତ ଖେଳାଳି ଚମ୍ପଟ ମାରିଥିଲେ। ଜୁଆ ଆଡ୍ଡା ନିକଟରୁ ୭ଟି ବାଇକକୁ ଜବତ କରି ପୋଲିସ ଆଣିଥିବା ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନ କହିଛନ୍ତି।

# ସେଣ୍ଟ ଆନସ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ
## ସିନିୟରରେ କ୍ରିଷ୍ଣା, ଜୁନିୟରରେ ଅସ୍ମିତ ଚାମ୍ପିୟନ


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଭଞ୍ଜନଗର,୨।୩(ବାବୁଲା ପ୍ରଧାନ): ଭଞ୍ଜନଗର ଡହ ରୋଡରେ ଥିବା ସେଣ୍ଟ ଆନସ ଇଂଲିଶ ମିଡିୟମ ସ୍କୁଲରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି। ସିନିୟର୍‌ରେ କ୍ରୀଷ୍ଣା ପ୍ରଧାନ ଏବଂ ଜୁନିୟରରେ ଅସ୍ମିତ ରେଡି ଚମ୍ପିୟନ ହୋଇଛନ୍ତି । ଅଧ୍ୟକ୍ଷା ସିଷ୍ଟର ଶାନ୍ତା କୁମାରୀ ପୁରସ୍କାର ବିତରଣ ଉତ୍ସବରେ ଅଧ୍ୟକ୍ଷତା କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସିଷ୍ଟର ଆନସ୍ଥାସିଆ, ସିଷ୍ଟର ଶ୍ରୀଲାଥା, ସୌଭାଗ୍ୟମ ଏହି ଅବସରରେ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଟିପିଏସ୍‌ଓଡିଏଲ୍‌କୁ ଶ୍ରେଷ୍ଠ ସିଏସ୍‌ଆର ପ୍ରୋଜେକ୍ଟ ଅଫ୍ ଦି ଇୟର ପୁରସ୍କାର



ଟିପିଏସ୍‌ଓଡିଏଲକୁ ମିଳିଥିବା ଆୱାର୍ଡ।

ବ୍ରହ୍ମପୁର,୨।୩(ସ୍ମୃତି ରଞ୍ଜନ ମହାଲିକ): ଟିପିଏସ୍‌ଓଡିଏଲକୁ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ଶ୍ରେଷ୍ଠ ସିଏସ୍‌ଆର ପ୍ରୋଜେକ୍ଟ ଅଫ ଦି ଇୟର ଆୱାର୍ଡ ମିଳିଛି। ପ୍ରକଳ୍ପ ସକ୍ଷମ ଅଧୀନରେ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ଟିପିଏସଓଡିଏଲ୍ ଇଣ୍ଡିଆନ ସୋସିଆଲ ଇମ୍ପାକ୍ଟ ଆୱାର୍ଡ ପାଇଛି। ଏ କ୍ଷେତ୍ରରେ ମାନବ ସମ୍ବଳକୁ ବିନିଯୋଗ କରି ନିଯୁକ୍ତି ଦିଗରେ କମ୍ପାନୀ ସହଯୋଗ କରୁଛି। କମ୍ପାନୀ ୩୦୦ରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜିକୁ ପ୍ରୋତ୍ସାହିତ କରି ମାଣ୍ଡିଆ ଚାଷ, ଫୁଲ ଚାଷ ଓ ବାଡ଼ି ବଗିଚା ଚାଷ ଭଳି ଜୀବିକା ଯୋଗାଇପାରିଛି। ବହୁ ମହିଳା ଗୋଷ୍ଠୀ କମ୍ପାନୀ ସହଯୋଗରେ କୁକୁଡା ଚାଷ କରୁଛନ୍ତି। ଏମାନଙ୍କୁ କମ୍ପାନୀ ପକ୍ଷରୁ ବ୍ୟବସ୍ଥିତ ଢଙ୍ଗରେ ତାଲିମ ପ୍ରଦାନ କରାଯାଉଛି। କମ୍ପାନୀ ମହିଳା ଚାଷୀଙ୍କୁ ବିହନ, ସାର, କୁକୁଡା ଚିଆଁ ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ସହାୟତା ମଧ୍ୟ ପ୍ରଦାନ କରୁଛି। ସେହିପରି ଆସ୍କା ଠାରେ ଥିବା ଟିପିଏସଓଡିଏଲ ଧନ୍ଦାମୂଳକ ତାଲିମ କେନ୍ଦ୍ରର ସ୍ଥାନୀୟ ଯୁବକଙ୍କୁ କୁଶଳୀ କରି ଗଢି ତୋଳିବା ସହ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ବର୍ତ୍ତମାନ ସୁଦ୍ଧା କମ୍ପାନୀର ତାଲିମ କେନ୍ଦ୍ରରୁ ଶତାଧିକ ପ୍ରଶିକ୍ଷାର୍ଥୀ ଦେଶର ବିଭିନ୍ନ ରାଜ୍ୟରେ ନିଯୁକ୍ତି ପାଇଛନ୍ତି। ଏ ନେଇ କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଶ୍ରେଷ୍ଠ ସିଏସଆର ପ୍ରକଳ୍ପ ପୁରସ୍କାର ଯୁବକ ଓ ମହିଳାଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଥିବା ପ୍ରତିବଦ୍ଧତାକୁ ଦର୍ଶାଇଛି। ଆଗାମୀ ସମୟରେ ସାମାଜିକ ଓ ଆର୍ଥିକ ଅଗ୍ରଗତି ଦିଗରେ କାର୍ଯ୍ୟ ଜାରି ରହିବ ବୋଲି ସେ କହିଛନ୍ତି।

# ୬୯୧ ପରିବାରକୁ ୧୦୦ ଦିନର କାମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି ।

ଗୋପାଳପୁର,୨।୩(ନବୀନ ରାଜ ଆଚାରୀ): ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଶନିବାର ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଛି। ବିଡିଓ ଅଂଶୁମାନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଉନ୍ନୟନ ଅଧିକାରୀ ମଧୁମିତା, ଜିଲା ପରିଷଦ ଉପସଭାପତି ଏସ. ରାଜେଶ୍ୱରୀ ଦୋରା, ବ୍ଲକ ଅଧ୍ୟକ୍ଷା ସିଏଚ ଉଷାରାଣୀ, ଉପାଧ୍ୟକ୍ଷା ଅନିତା ମହାଙ୍କୁଡ଼ ଯୋଗ ଦେଇଥିଲେ। ଏପିଓ ଗୋପାଳ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଉନ୍ନୟନ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା। ବ୍ଲକରେ ୧୧ ଲକ୍ଷ ୫୫ ହଜାର ୩୨୩ ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୫ ଲକ୍ଷ ୬୯ ହଜାର ୭୭ ଶ୍ରମ ଦିବସ ପୂରଣ ହୋଇଛି। ୧୩ କୋଟି ୧୩ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ଉନ୍ନୟନ କାମ ହୋଇଛି। ୧୫ ହଜାର ୩୦୪ ପରିବାରକୁ କର୍ମ ନିଯୁକ୍ତି ମିଳିଛି। ସେଥିମଧ୍ୟରୁ ୬୯୧ ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି। ୮୭୭ ପ୍ରକଳ୍ପର କାମ ସରିଛି। ନୂତନ ପୋଖରୀ ପାଇଁ ଜାଗା ମିଳୁନି ବୋଲି ଆଲୋଚନା ହୋଇଥିଲା। ରାସନ କାର୍ଡରେ ନାଁ କଟି ଯିବାରୁ ହିତାଧିକାରୀମାନେ ହଇରାଣ ହରକତ ହେଉଛନ୍ତି ବୋଲି ସମିତି ସଭ୍ୟ ପ୍ରବୀଣ କୁମାର ଅଭିଯୋଗ କରିଥିଲେ। ନାରାୟଣପୁର ପଞ୍ଚାୟତରେ କେତେ ଚାଉଳ ବଣ୍ଟନ କରାଯାଉଛି ଓ କେତେ ଷ୍ଟକ ରହିଛି ତାହା ସରପଞ୍ଚ ଜାଣି ପାରୁନାହାନ୍ତି ବୋଲି ସରପଞ୍ଚ ପ୍ରତିନିଧି ଶ୍ୟାମ ସାହୁ ପ୍ରଶ୍ନ କରିଥିଲେ। ବନ ବିଭାଗର କୋଣସି ଅଧିକାରୀ ଉପସ୍ଥିତ ନଥିଲେ। ଜିଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ମଲଣା, ସରପଞ୍ଚ ଦଣ୍ଡପାଣି ବେହେରା, ଅରୁଣ ନାୟକ, ରଞ୍ଜିତ ସାହୁ, ଅସନ୍ତୁଲୁ ରେଡି, ସସ୍ମିତା ବେହେରା, ଦୁର୍ଯ୍ୟୋଧନ ରେଡି, ବି. ସୁଙ୍କାନୀ ପାତ୍ର, ସମିତି ସଭ୍ୟ ଶ୍ରୀରାମ ବେହେରା, ବିନୋଦିନୀ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

